## "ବିନ୍ଦୁ ଏବଂ ବୁନ୍ଦାର ରହସ୍ୟ"

ଆଜି ଭୋଲାନାଥ ବାବା ନିଜର ଭୋଲା ପିଲାମାନଙ୍କ ସହିତ, ପିଲାମାନଙ୍କର ତଥା ପିତାଙ୍କର ଅବତରଣ ଦିବସ ଅର୍ଥାତ୍ ଅଲୌକିକ ଆତ୍ମିକ ଜୟନ୍ତୀ ପାଳନ କରିବା ପାଇଁ ଆସିଛନ୍ତି । ଭୋଳାନାଥ ବାବାଙ୍କୁ ଭୋଳା ଅର୍ଥାତ୍ ସରଳ ପିଲାମାନେ ହିଁ ସବୁଠାରୁ ପ୍ରିୟ ଅଟନ୍ତି । ଭୋଳା ଅର୍ଥାତ୍ ଯିଏ ସଦାସର୍ବଦା ସରଳ ସ୍ୱଭାବଯୁକ୍ତ, ଶୁଭଭାବନା ଏବଂ ସ୍ୱଚ୍ଛତା ସମ୍ପନ୍ନ ଅର୍ଥାତ୍ ମନ ଏବଂ କର୍ମ ଉଭୟରେ ସତ୍ୟତା ଏବଂ ସ୍ୱଚ୍ଛତାକୁ ଧାରଣ କରିଥା'ନ୍ତି । ଏହିଭଳି ଭୋଳା ପିଲାମାନେ ଭୋଳାନାଥ ବାବାଙ୍କୁ ମଧ୍ୟ ନିଜ ପ୍ରତି ଆକର୍ଷିତ କରିଥା'ନ୍ତି । ଭୋଳାନାଥ ବାବା ଏହିଭଳି ସରଳ ସ୍ୱଭାବଯୁକ୍ତ ପିଲାମାନଙ୍କର ଗୁଣର ମାଳାକୁ ସଦାସର୍ବଦା ସ୍ମରଣ କରୁଛନ୍ତି । ତୁମେମାନେ ଅନେକ ଜନ୍ମ ବାବାଙ୍କର ନାମର ମାଳାକୁ ସ୍ମରଣ କରି ଆସିଛ ଏବଂ ବାବା ବର୍ତ୍ତମାନ ସଂଗମଯୁଗରେ ପିଲାମାନଙ୍କୁ ତା'ର ପ୍ରତିଦାନ ଦେଉଛନ୍ତି । ପିଲାମାନଙ୍କର ଗୁଣର ମାଳାକୁ ସ୍ମରଣ କରୁଛନ୍ତି । ତେବେ କେତେ ସବୁ ଭୋଳା ପିଲାମାନେ ବାବାଙ୍କୁ ପ୍ରିୟ ଅଟନ୍ତି । ଯେତେ ଯେତେ ଜ୍ଞାନ ସ୍ୱରୂପ, ପ୍ରଜ୍ଞାବାନ, ଶକ୍ତିଶାଳୀ ହେଉଛ ସେତେ ଅଧିକ ଭୋଳାପଣିଆ ମଧ୍ୟ ରହୁ କାରଣ ଭଗବାନଙ୍କୁ ଭୋଳାପଣିଆର ସ୍ୱଭାବ ହିଁ ପ୍ରିୟ ଅଟେ । ଏହିଭଳି ତୁମେମାନେ ନିଜର ଶ୍ରେଷ୍ଠ ଭାଗ୍ୟକୁ ଜାଣିଛ ନା, ଯାହାକି ଭଗବାନଙ୍କୁ ମଧ୍ୟ ମୋହିତ କରିଦେଲା, ନିଜର କରିଦେଲା ।

ଆଜି ପିଲାମାନଙ୍କ ସହିତ ଭକ୍ତମାନଙ୍କର ମଧ୍ୟ ବିଶେଷ ଭାବରେ ପାଳନ କରିବାର ଦିନ । ଭକ୍ତମାନେ ଅନେକ ପ୍ରକାରର ଉପାୟ କରୁଛନ୍ତି, ଆବାହନ କରୁଛନ୍ତି କିନ୍ତୁ ତୁମେମାନେ ଏଠାରେ ବାବାଙ୍କ ସମ୍ମୁଖରେ ବସିଛ । ଭକ୍ତମାନଙ୍କର ଲୀଳାକୁ ମଧ୍ୟ ଦେଖି ଦେଖି ବାବା ମୁରୁକି ହସୁଛନ୍ତି ଏବଂ ପିଲାମାନଙ୍କର ମିଳନ ଲୀଳାକୁ ମଧ୍ୟ ଦେଖି ହର୍ଷିତ ହେଉଛନ୍ତି । ଗୋଟିଏ ପଟେ ବିୟୋଗୀ ଭକ୍ତ ଆତ୍ମାମାନେ, ଅନ୍ୟ ପଟେ ସହଜଯୋଗୀ ପିଲାମାନେ । ଉଭୟେ ନିଜର ଲଗନ ଆଧାରରେ ବାବାଙ୍କୁ ପ୍ରିୟ ଅଟନ୍ତି । ଭକ୍ତମାନେ ମଧ୍ୟ କୌଣସିଥିରେ କମ୍ ନୁହଁନ୍ତି । କାଲି (ଜାଗର ଦିନ) ତୁମେମାନେ ନିଜର ଆକାରୀ ଇଷ୍ଟ ଦେବ ରୂପରେ ଚକ୍ର ଲଗାଇ ଦେଖିବ । ବାବାଙ୍କ ସହିତ ଶାଳଗ୍ରାମ ରୂପରେ ପିଲାମାନଙ୍କର ମଧ୍ୟ ବିଶେଷ ରୂପରେ ପୂଜା ହେବ । ବାବାଙ୍କ ସହିତ ନିଜର ପୂଜନକୁ ମଧ୍ୟ ଦେଖିବ । ଏବେ ଅନ୍ତିମ ସମୟ ପର୍ଯ୍ୟନ୍ତ ମଧ୍ୟ କେହି କେହି ନବଧା ଭକ୍ତ ଅଛନ୍ତି ଯେଉଁମାନେ କି ସଚ୍ଚା ସଚ୍ଚା ସ୍ନେହର ସହିତ ଭକ୍ତି କରି ଭକ୍ତି ଭାବନାର ଅଳ୍ପ ସମୟର ଫଳର ଅନୁଭବ ମଧ୍ୟ କରୁଛନ୍ତି । କାଲିର ଦିନ ଭକ୍ତମାନଙ୍କର ଭକ୍ତିର ବିଶେଷ ଲଗନର ଦିନ । ବୁଝିଲ ।

ତେବେ ତୁମେମାନେ ବାବାଙ୍କର ଜନ୍ମ ଦିବସ ପାଳନ କରିବ ନା ନିଜର ଜନ୍ମ ଦିବସ ପାଳନ କରିବ ? ସାରା କଳ୍ପ ଭିତରେ ପିତା ସହିତ ପିଲାମାନଙ୍କର ମଧ୍ୟ ଗୋଟିଏ ଦିନରେ ଜନ୍ମ ଦିନ ପାଳନ ହେଉଥିବ ଏହା କେବେ ସମ୍ଭବ! ଯଦିଓ ଦିନ ଏକା ହୋଇପାରେ କିନ୍ତୁ ବର୍ଷ ଏକା ହୋଇପାରିବ ନାହିଁ । ପିତା ଏବଂ ସନ୍ତାନର ବୟସରେ ଅନ୍ତର ତ ରହିବ ନା । କିନ୍ତୁ ଏହି ଅଲୌକିକ ଜୟନ୍ତୀ ଅର୍ଥାତ୍ ଜନ୍ମ ଦିବସ ପିତାଙ୍କ ସହିତ ସନ୍ତାନମାନଙ୍କର ଗୋଟିଏ ଦିନ ହିଁ ପାଳନ ହେଉଛି । ତୁମେମାନେ କହିବ ଆମେ ବାବାଙ୍କର ଜନ୍ମଦିନ ପାଳନ କରୁଛୁ ଏବଂ ବାବା କହିବେ ମୁଁ ପିଲାମାନଙ୍କର ଜନ୍ମଦିନ ପାଳନ କରୁଛି । ତେଣୁ ବିଚିତ୍ର ଜନ୍ମ ଦିନ ହୋଇଗଲା ନା । ନିଜର ମଧ୍ୟ ପାଳନ କରୁଛ, ବାବାଙ୍କର ମଧ୍ୟ ପାଳନ କରୁଛ । ଏହିଥିରୁ ବିଚାର କର ଯେ ଭୋଳାନାଥ ବାବାଙ୍କର ପିଲାମାନଙ୍କ ସହିତ କେତେ ସ୍ନେହ ରହିଛି, ଯାହାକି ଜନ୍ମଦିନ ମଧ୍ୟ ଗୋଟିଏ ଦିନରେ ପାଳନ ହେଉଛି । ତେବେ ଭୋଳାନାଥଙ୍କୁ ସେତିକି ଏତେ ମୋହିତ କରିଦେଇଛ ନା । ଭକ୍ତମାନେ ତ ନିଜର ଭକ୍ତିର ମସ୍ତିରେ (ନିଶାରେ) ମସ୍ତ ହୋଇଯାଉଛନ୍ତି କିନ୍ତୁ ତୁମେମାନେ "ପାଇଗଲୁ" ଏହି ଖୁସିରେ ନାଚୁଛ, ଗାଉଛ ଏବଂ ପାଳନ କରୁଛ । ତେଣୁ ଏହି ସ୍ମୃତି ଦିବସରେ ମଧ୍ୟ ବହୁତ ରହସ୍ୟ ଲୁଚି ରହିଛି ।

ପୂଜା ହେଉଥିବା ଚିତ୍ରରେ ବା ମୂର୍ତ୍ତିରେ ବିଶେଷ ଭାବରେ ଦୁଇଟି ବିଶେଷତା ଅନ୍ତର୍ନିହିତ ଅଟେ । ଗୋଟିଏ ହେଲା ବିନ୍ଦୁର ବିଶେଷତା ଏବଂ ଅନ୍ୟଟି ହେଲା ବୁନ୍ଦା-ବୁନ୍ଦା ଜଳ ଅର୍ପଣର ବିଶେଷତା । ପୂଜାର ବିଧିରେ ବୁନ୍ଦା-ବୁନ୍ଦା ଜଳ ଅର୍ପଣ କରିବାର ମଧ୍ୟ ମହତ୍ତ୍ୱ ରହିଛି । ଏହି ସମୟରେ ତୁମେ ପିଲାମାନେ ବିନ୍ଦୁର ରହସ୍ୟକୁ ଜାଣି ବିନ୍ଦୁ ସ୍ୱରୂପରେ ସ୍ଥିତ ହେଉଛ । ବିଶେଷ କରି ସାରା ଜ୍ଞାନର ସାର ଗୋଟିଏ ବିନ୍ଦୁ ଶବ୍ଦରେ ହିଁ ସମାହିତ ଅଟେ । ବାବା ମଧ୍ୟ ବିନ୍ଦୁ, ତୁମେ ଆତ୍ମାମାନେ ମଧ୍ୟ ବିନ୍ଦୁ ଏବଂ ଡ୍ରାମାର ଜ୍ଞାନକୁ ଧାରଣ କରିବା ପାଇଁ ଯାହା ଘଟିଗଲା— ସମାପ୍ତି, ଅର୍ଥାତ୍ ଫୁଲଷ୍ଟପର ବିନ୍ଦୁ ଲଗାଇ ଦେଉଛ । ପରମ ଆତ୍ମା, ଆତ୍ମା ଏବଂ ଏହି ପ୍ରକୃତିର ଖେଳ ଅର୍ଥାତ୍ ଡ୍ରାମା ତିନିଟିର ଜ୍ଞାନକୁ ବାସ୍ତବ ଜୀବନରେ ବିନ୍ଦୁ ହିଁ ଅନୁଭବ କରୁଛ ନା । ସେଥିପାଇଁ ଭକ୍ତିରେ ମଧ୍ୟ ଶିବଲିଙ୍ଗର ପ୍ରତିମାରେ ବିନ୍ଦୁର ମହତ୍ତ୍ୱ ରହିଛି । ଅନ୍ୟଟି ହେଲା ବୁନ୍ଦାର ମହତ୍ୱ । ତୁମେମାନେ ଯେତେବେଳେ ଯୋଗରେ ବସୁଛ ବା କାହାକୁ ବି ଯୋଗରେ ବସାଉଛ ତେବେ କେଉଁ ବିଧିରେ ଯୋଗ କରାଉଛ ? ସଂକଳ୍ପର ବୁନ୍ଦା ଦ୍ୱାରା— ମୁଁ ଆତ୍ମା ଅଟେ, ଏହା ପ୍ରଥମ ବୁନ୍ଦା, ଶିବବାବାଙ୍କର ସନ୍ତାନ.... ଏହା ଦ୍ୱିତୀୟ ବୁନ୍ଦା । ଏହିଭଳି ଶୁଭ ସଂକଳ୍ପର ବୁନ୍ଦା ଦ୍ୱାରା ମିଳନର ସିଦ୍ଧି ଅର୍ଥାତ୍ ସଫଳତାକୁ

ଅନୁଭବ କରୁଛ ନା । ତେବେ ଗୋଟିଏ ହେଲା ଶୁଦ୍ଧ ସଂକଳ୍ପର ସ୍ଥିତିର ବୁନ୍ଦା, ଦ୍ୱିତୀୟରେ ଯେତେବେଳେ ଆତ୍ମିକ ବାର୍ତ୍ତାଳାପ କରୁଛ ସେତେବେଳେ ବାବାଙ୍କର ଗୋଟିଏ ଗୋଟିଏ ମହିମା ଏବଂ ପ୍ରାପ୍ତିର ଶୁଦ୍ଧ ସଂକଳ୍ପର ବୁନ୍ଦା ଅର୍ପଣ କରୁଛ ନା । ଆପଣ ଏପରି ଅଟନ୍ତି, ଆପଣ ଆମକୁ ଏହିପରି କରିଦେଇଛନ୍ତି.... । ଏହିଭଳି ମିଠା ମିଠା ଶୀତଳ ବୁନ୍ଦା ବାବାଙ୍କ ଉପରେ ଅର୍ପଣ କରୁଛ ଅର୍ଥାତ୍ ବାବାଙ୍କ ସହିତ ଆତ୍ମିକ ବାର୍ତ୍ତାଳାପ କରୁଛ । ଗୋଟିଏ ଗୋଟିଏ କଥା ଶୁଣାଇ ଚାଲିଛ ଏବଂ ବିଚାର କରୁଛ, ଏକାବେଳେ ସବୁ କଥା ଶୁଣାଇ ଦେଉନାହଁ । ତୃତୀୟରେ ସବୁ ପିଲାମାନେ ନିଜର ଶରୀର-ମନ-ଧନ ଆଧାରରେ ମଧ୍ୟ ସହଯୋଗର ବୁନ୍ଦା ଅର୍ପଣ କରୁଛନ୍ତି । ସେଥିପାଇଁ ତୁମେମାନେ ବିଶେଷ ଭାବରେ କହୁଛ— ବୁନ୍ଦା ବୁନ୍ଦା ଜଳରେ ପୁଷ୍କରିଣୀ ସୃଷ୍ଟି ହେଉଛି । ଏତେ ବଡ ବିଶ୍ୱ ପରିବର୍ତ୍ତନର କାର୍ଯ୍ୟ, ସର୍ବଶକ୍ତିମାନ ବାବାଙ୍କର ବେହଦର ଅର୍ଥାତ୍ ବିଶାଳ କାର୍ଯ୍ୟରେ ତୁମେ ପ୍ରତ୍ୟେକ ଯେଉଁ ସବୁ ସହଯୋଗ ଦେଉଛ ତାହା ବିନ୍ଦୁ ସଦୃଶ ହିଁ ତ ଅଟେ ନା । କିନ୍ତୁ ସମସ୍ତଙ୍କର ବୁନ୍ଦା ବୁନ୍ଦା ସହଯୋଗରେ ବିଶାଳ ସାଗର ସୃଷ୍ଟି ହୋଇଯାଉଛି । ସେଥିପାଇଁ ପୂଜାର ବିଧିରେ ମଧ୍ୟ ବୁନ୍ଦାର ମହତ୍ତ୍ୱ ଦର୍ଶାଯାଇଛି ।

ତା'ସହିତ ବିଶେଷ ଭାବରେ ବ୍ରତ ରଖିବାର ବିଧି ମଧ୍ୟ ଦେଖାଇଛନ୍ତି କାରଣ ତୁମେମାନେ ବ୍ରତ ଅର୍ଥାତ୍ ପ୍ରତିଜ୍ଞା କରୁଛ ନା । ତୁମେମାନେ ବାବାଙ୍କର ସହଯୋଗୀ ହେବାରେ ବ୍ୟର୍ଥ ସଂକଳ୍ପର ଭୋଜନ ନ କରିବାର ବ୍ରତ ରଖୁଛ ଯେ କେବେହେଲେ ବୁଦ୍ଧି ଦ୍ୱାରା କୌଣସି ଅଶୁଦ୍ଧ ବା ବ୍ୟର୍ଥ ସଂକଳ୍ପର ଭୋଜନ ସ୍ୱୀକାର କରିବୁ ନାହିଁ । ଏହିଭଳି ବ୍ରତ ବା ଦୃଢ ସଂକଳ୍ପ କରୁଛ ଏବଂ ଭକ୍ତମାନେ ଅଶୁଦ୍ଧ ଭୋଜନ ସ୍ୱୀକାର ନ କରିବାର ବ୍ରତ ରଖୁଛନ୍ତି । ଏହା ସହିତ ତୁମେମାନେ ସଦାକାଳ ପାଇଁ ଜାଗ୍ରତ ଜ୍ୟୋତି ହୋଇଯାଉଛ ଏବଂ ସେମାନେ ଏହାର ସ୍ମାରକୀ ରୂପରେ ରାତ୍ରି ଉଜାଗର ରହୁଛନ୍ତି । ତୁମମାନଙ୍କର ଅବିନାଶୀ ଆତ୍ମିକ ଅନ୍ତରମୁଖୀ ବିଧିଗୁଡିକୁ ଭକ୍ତମାନେ ସ୍ଥୂଳ ରୂପରେ ବାହ୍ୟମୁଖୀ ବିଧି-ବିଧାନ କରିଦେଇଛନ୍ତି । କିନ୍ତୁ ତୁମମାନଙ୍କୁ ହିଁ କପି କରିଛନ୍ତି । ରଜୋପ୍ରଧାନ ବୁଦ୍ଧି ଥିବା କାରଣରୁ ଯାହା କିଛି ପ୍ରେରଣା ଆସିଲା ସେହିଭଳି ବିଧି ନିର୍ଦ୍ଧାରଣ କରି ଦେଇଛନ୍ତି । ସେହିଭଳି ରଜୋଗୁଣୀ ନମ୍ବରୱାନ ଭକ୍ତ ଏବଂ ଭକ୍ତି ହିସାବରେ ସତ୍ତୋଗୁଣୀ ଭକ୍ତ ତ ବ୍ରହ୍ମାବାବା ଏବଂ ତାଙ୍କ ସହିତ ତୁମେ ବିଶେଷ ଆତ୍ମାମାନେ ମଧ୍ୟ ନିମିତ୍ତ ହେଉଛ । କିନ୍ତୁ ପ୍ରଥମେ ଆନ୍ତରିକ ସ୍ନେହ ଏବଂ ଆନ୍ତରିକ ଶକ୍ତି ଥିବା କାରଣରୁ ମାନସିକ ବା ଆନ୍ତରୀକ ଭାବନା ସମ୍ପନ୍ନ ଭକ୍ତି ଆରମ୍ଭ ହୋଇଥାଏ । କିନ୍ତୁ ଏହିସବୁ ସ୍ଥୂଳ ବିଧିବିଧାନ ଗୁଡିକ ପରେ ପୁଣି ଧୀରେ ଧୀରେ ଅଧିକ ଅଧିକ ହୋଇଥାଏ । ପୁଣି ବି ରଚୟିତା ପିତା ତାଙ୍କର ଭକ୍ତ ଆତ୍ମାରୂପୀ ରଚନାମାନଙ୍କୁ ଏବଂ ସେମାନଙ୍କର ଭକ୍ତି କରିବାର ବିଧି ବିଧାନକୁ ଦେଖି ଏହି କଥା କହୁଛନ୍ତି ଯେ ଏମାନଙ୍କର ପ୍ରେରଣା ରୂପରେ ଅନୁଭବ କରୁଥିବା ବୁଦ୍ଧି ମଧ୍ୟ ଚମତ୍କାର ଅଟେ । ପୁଣି ବି ଏହି ସବୁ ବିଧିଗୁଡିକ ଆଧାରରେ ବୁଦ୍ଧିକୁ ବ୍ୟସ୍ତ ରଖିବା ଦ୍ୱାରା, ବିକାରର ବଶୀଭୂତ ହେବାରୁ କିଛି ନା କିଛି ତ ଦୂରେଇ ରହୁଛନ୍ତି ନା । ବୁଝିଲ— ତୁମମାନଙ୍କର ଯଥାର୍ଥ ସିଦ୍ଧି ପ୍ରାପ୍ତ କରିବାର ବିଧି ଭକ୍ତିମାର୍ଗରେ କିଭଳି ପ୍ରକାରରେ ପ୍ରଚଳିତ ହୋଇ ଆସୁଛି । ଏହା ହେଉଛି ତୁମମାନଙ୍କର ସ୍ମାରକୀର ମହତ୍ତ୍ୱ ।

ଡବଲ ବିଦେଶୀ ପିଲାମାନେ ତ ଭକ୍ତିଠାରୁ ଦୂରେଇ ରହୁଛନ୍ତି କିନ୍ତୁ ସେମାନେ ତୁମମାନଙ୍କର ଭକ୍ତ ଅଟନ୍ତି । ତେବେ ଭକ୍ତମାନଙ୍କର ଭକ୍ତି କରିବାର ଲୀଳା ତୁମେ ପିଲାମାନେ ଅନୁଭବ କରୁଛ ଯେ ଆମେ ପୂଜ୍ୟ ଆତ୍ମାମାନଙ୍କର ଏବେ ମଧ୍ୟ ଭକ୍ତଆତ୍ମାମାନେ କିପରି ପୂଜନ କରୁଛନ୍ତି ଏହିଭଳି ଅନୁଭବ କରୁଛ ? କେବେ ଭକ୍ତମାନଙ୍କର ଡାକରାର ଅନୁଭବ ହେଉଛି ? ଭକ୍ତମାନଙ୍କ ଉପରେ ଦୟା ଆସୁଛି ? ଭକ୍ତମାନଙ୍କ ବିଷୟରେ ଭଲ ଭାବରେ ଜାଣିଛ ନା! ସେପଟେ ଭକ୍ତମାନେ ଡାକୁଥିବେ ଏବଂ ତୁମେ ବୁଝିପାରୁନଥିବ ତେବେ ଭକ୍ତମାନଙ୍କର ଅବସ୍ଥା କ'ଣ ହେବ ? ସେଥିପାଇଁ ଭକ୍ତ ପଦ କ'ଣ, ପୂଜାରୀ ପଦ କ'ଣ, ପୂଜ୍ୟ ପଦ କ'ଣ ଏହିସବୁ ରହସ୍ୟକୁ ମଧ୍ୟ ଭଲ ଭାବରେ ଜାଣିଛ । ପୂଜ୍ୟ ଏବଂ ପୂଜାରୀର ରହସ୍ୟକୁ ତ ଜାଣିଛ ନା! ଆଚ୍ଛା! କେବେ ତେବେ ଭକ୍ତମାନଙ୍କର ଡାକରାର ଅନୁଭବ ହେଉଛି ? ପାଣ୍ଡବମାନଙ୍କୁ ଅନୁଭବ ହେଉଛି ନା କେବଳ ଶକ୍ତିମାନଙ୍କୁ ହେଉଛି ? ଶାଳଗ୍ରାମ ତ ବହୁତ ଅଛନ୍ତି । ଲକ୍ଷ-ଲକ୍ଷ ସଂଖ୍ୟାରେ ଅଛନ୍ତି । କିନ୍ତୁ ଦେବତାମାନେ ଲକ୍ଷ-ଲକ୍ଷ ସଂଖ୍ୟାରେ ନାହାଁନ୍ତି । ଦେବୀ ବା ଦେବତାମାନେ ହଜାର ହଜାର ସଂଖ୍ୟାରେ ଥିବେ, ଲକ୍ଷ-ଲକ୍ଷ ସଂଖ୍ୟାରେ ନୁହେଁ । ଆଚ୍ଛା! ଏହାର ରହସ୍ୟ ମଧ୍ୟ ପୁଣି କେବେ ଶୁଣାଇବା । ଡବଲ ବିଦେଶୀମାନଙ୍କ ଭିତରେ ମଧ୍ୟ ଯେଉଁମାନେ ଆଦି ସମୟରେ ଆସିଛନ୍ତି, ଯେଉଁମାନେ ଆରମ୍ଭ ସମୟରେ ଦୃଷ୍ଟାନ୍ତ ସ୍ୱରୂପ ହୋଇଛନ୍ତି, ଚାହେଁ ଶକ୍ତି ହୁଅନ୍ତୁ ବା ପାଣ୍ଡବ, ସେମାନଙ୍କର ମଧ୍ୟ ବିଶେଷତା ଅଛି ନା । ବାବା ତ ସମସ୍ତଙ୍କଠାରୁ ବଡ ବିଦେଶୀ ଅଟନ୍ତି । ସବୁଠାରୁ ଅଧିକ ସମୟ ବିଦେଶରେ କିଏ ରହୁଛି ? ବାବା ରହୁଛନ୍ତି ନା ।

ଏବେ ଦିନକୁ ଦିନ ସମୟ ଯେତେ ପାଖେଇ ଆସିବ ସେହି ଅନୁସାରେ ଭକ୍ତମାନଙ୍କର ଆବାହନ କରିବାର ଶବ୍ଦ, ସେମାନଙ୍କର ଭାବନା, ସବୁକିଛି ତୁମକୁ ସ୍ପଷ୍ଟ ରୂପରେ ଅନୁଭବ ହେବ । କିଏ କେଉଁ ଇଷ୍ଟଦେବୀ ବା ଦେବତା ତାହା ମଧ୍ୟ ଜଣାପଡିବ । ତେଣୁ ତୁମେମାନେ ଆଉ ଟିକିଏ ପରିପକ୍ୱ ହୋଇଯାଅ ତା'ପରେ ଏହି ସବୁ କଥା ଦିବ୍ୟବୁଦ୍ଧିର ପ୍ରେରଣା ଦ୍ୱାରା ଏଭଳି ଅନୁଭବ ହେବ ଯେପରି ଦିବ୍ୟଦୃଷ୍ଟି ଦ୍ୱାରା ସ୍ପଷ୍ଟ ରୂପରେ ଦେଖାଯାଇଥାଏ । ଏବେ ତ ସଜବାଜ ହେଉଛ ତେଣୁ ପ୍ରତ୍ୟକ୍ଷତାର ପରଦା ଖୋଲୁନାହିଁ । ଯେତେବେଳେ ପୂର୍ଣ୍ଣ ରୂପରେ ସଜ ହୋଇଯିବ ସେତେବେଳେ ପରଦା ଖୋଲିଯିବ ଏବଂ ତୁମେ ନିଜକୁ ମଧ୍ୟ ଦେଖିପାରିବ । ତା'ପରେ ସମସ୍ତଙ୍କ ମୁଖରୁ ବାହାରିବ ଇଏ ଅମୁକ ଦେବୀ ଆସିଲେ, ଅମୁକ ଦେବତା ଆସିଲେ । ଆଚ୍ଛା!

ଭୋଳାନାଥ ବାବାଙ୍କର ସରଳ ହୃଦୟବାନ, ସହଜ ସ୍ୱଭାବଯୁକ୍ତ ସହଜଯୋଗୀ ଭୋଳା ପିଲାମାନେ, ସଦାସର୍ବଦା ବିନ୍ଦୁ ଏବଂ ବୁନ୍ଦାର ରହସ୍ୟକୁ ଜୀବନରେ ଧାରଣ କରୁଥିବା ଧାରଣା ସ୍ୱରୂପ ଆତ୍ମାମାନେ, ସଦାସର୍ବଦା ମନ-ବାଣୀ-କର୍ମରେ ଦୃଢ଼ ସଂକଳ୍ପର ବ୍ରତକୁ ଧାରଣ କରୁଥିବା ଜ୍ଞାନୀ ତୁ ଆତ୍ମାମାନେ, ସଦାସର୍ବଦା ନିଜର ପୂଜ୍ୟ ସ୍ୱରୂପରେ ସ୍ଥିତ ରହୁଥିବା ପୂଜ୍ୟ ପିଲାମାନଙ୍କୁ ଭୋଳାନାଥ, ବରଦାତା, ବିଧାତା ପିତାଙ୍କର ୟାଦପ୍ୟାର ଏବଂ ନମସ୍ତେ ।

ଶିବଧ୍ୱଜା ଉତ୍ତୋଳନ କରିବା ପରେ ବାପଦାଦାଙ୍କର ମଧୁର ମହାବାକ୍ୟ:

ବାବା କହୁଛନ୍ତି ପିଲାମାନଙ୍କର ଝଣ୍ଡା ଅର୍ଥାତ୍ ପତାକା ସର୍ବଦା ମହାନ । ଯଦି ପିଲାମାନେ ନଥା'ନ୍ତେ ତେବେ ବାବା ମଧ୍ୟ କ'ଣ କରିଥାଆନ୍ତେ । ତୁମେମାନେ ମଧ୍ୟ କହୁଛ ବାବାଙ୍କର ପତାକା ସର୍ବଦା ମହାନ (ଝଣ୍ଡା ଗୀତ ବାଜୁଥିଲା) ଏବଂ ବାବା କହୁଛନ୍ତି ପିଲାମାନଙ୍କର ଝଣ୍ଡା ମହାନ । ସଦାସର୍ବଦା ସବୁ ପିଲାଙ୍କର ମସ୍ତକରେ ବିଜୟ ପତାକା ଉଡୁଛି । ସମସ୍ତଙ୍କର ନୟନରେ, ସମସ୍ତଙ୍କର ମସ୍ତକରେ ବିଜୟ ପତାକା ଉଡୁଛି । ବାପଦାଦା ଦେଖୁଛନ୍ତି— ଏଠାରେ ଗୋଟିଏ ପତାକା ଉଡାଯାଇନାହିଁ କିନ୍ତୁ ସମସ୍ତଙ୍କ ମସ୍ତକରେ ବିଜୟର ପତାକା ଅବିନାଶୀ ଭାବରେ ଉଡୁଛି ।

ପିତାଙ୍କ ସହିତ ସନ୍ତାନମାନଙ୍କର ବିଚିତ୍ର ଜନ୍ମ ଦିବସର ଅଭିନନ୍ଦନ:-

ଚାରିଆଡର ଅତିସ୍ନେହୀ, ସେବାର ସାଥୀ, ସର୍ବଦା ପାଦ ଉପରେ ପାଦ ରଖି ଚାଲୁଥିବା ପିଲାମାନଙ୍କୁ ଏହି ଅଲୌକିକ ବ୍ରାହ୍ମଣ ଜୀବନର ଜନ୍ମ ଦିନର ଅଭିନନ୍ଦନ । ସବୁ ପିଲାମାନଙ୍କୁ ବାପଦାଦା ୟାଦପ୍ୟାର ଏବଂ ଅଭିନନ୍ଦନ ଦେବାର ପ୍ରତିଦାନ ସ୍ୱରୂପ ସ୍ନେହଭରା ବାହୁର ମାଳା ପିନ୍ଧାଇବା ସହିତ ଅଭିନନ୍ଦନ ଦେଉଛନ୍ତି । ସବୁ ପିଲାମାନଙ୍କର ଏହି ଅଲୌକିକ ଜନ୍ମ ଦିବସକୁ ବିଶ୍ୱର ପ୍ରତ୍ୟେକ ଆତ୍ମା ସ୍ମାରକୀ ରୂପରେ ପାଳନ କରି ଆସୁଛନ୍ତି କାରଣ ବାବାଙ୍କ ସହିତ ପିଲାମାନେ ମଧ୍ୟ ବ୍ରାହ୍ମଣ ଜୀବନରେ ସର୍ବଆତ୍ମାଙ୍କୁ ବହୁତ ବହୁତ ବହୁତ ସୁଖ-ଶାନ୍ତି, ଖୁସି ଏବଂ ଶକ୍ତିର ସହଯୋଗ ଦେଇଛନ୍ତି । ଏହି ସହଯୋଗ କାରଣରୁ ସମସ୍ତେ ହୃଦୟର ସହିତ ଶିବ ଏବଂ ଶାଳଗ୍ରାମମାନଙ୍କର ଜନ୍ମଦିନକୁ ଶିବଜୟନ୍ତୀ ରୂପରେ ପାଳନ କରୁଛନ୍ତି । ତେଣୁ ଏହିଭଳି ଶାଳଗ୍ରାମ ପିଲାମାନଙ୍କୁ ଶିବବାବା ଏବଂ ବ୍ରହ୍ମାବାବା ଉଭୟଙ୍କ ତରଫରୁ ପଦ୍ମଗୁଣା ଅଭିନନ୍ଦନ, ଅଭିନନ୍ଦନ । ସଦାସର୍ବଦା ଅଭିନନ୍ଦନ ପ୍ରାପ୍ତ କରୁଥାଅ, ସଦାସର୍ବଦା ବୃଦ୍ଧିକୁ ପ୍ରାପ୍ତ କରୁଥାଅ ଏବଂ ସଦାସର୍ବଦା ବିଧିପୂର୍ବକ ସିଦ୍ଧି ମଧ୍ୟ ପ୍ରାପ୍ତ ହେଉଥାଉ । ଆଚ୍ଛା!

ବିଦାୟ ସମୟରେ:- ଗୁଡମର୍ଣ୍ଣିଙ୍ଗ୍ (ସୁପ୍ରଭାତ) ତ ସମସ୍ତେ କରୁଛନ୍ତି କିନ୍ତୁ ତୁମମାନଙ୍କର ଗଡ ଅର୍ଥାତ୍ ପରମାତ୍ମାଙ୍କ ସହିତ ମିଳନ କରୁ କରୁ ମର୍ଣ୍ଣିଙ୍ଗ୍ (ସକାଳ) ହୋଇଗଲା ତେଣୁ ଏହାକୁ ଗଡଲୀ ମର୍ଣ୍ଣିଙ୍ଗ୍ ଅର୍ଥାତ୍ ଈଶ୍ୱରୀୟ ପ୍ରଭାତ କୁହାଯିବ ନା । ଗଡଙ୍କ ସହିତ ରାତି ବିତାଇଲ ଏବଂ ଗଡଙ୍କ ସହିତ ସକାଳ ମଧ୍ୟ ବିତାଉଛ । ତେଣୁ ସର୍ବଦା ଗଡ (ବାବା) ଏବଂ ଗୁଡ୍ (ଉତ୍ତମ) ଉଭୟ ମନେ ରହୁ । ଗଡଙ୍କର ସ୍ମୃତି ହିଁ ଗୁଡ୍ କରିଦେଇଥାଏ । ଯଦି ଗଡଙ୍କର ସ୍ମୃତି ନାହିଁ ତେବେ ଗୁଡ୍ ହୋଇପାରିବ ନାହିଁ । ତୁମେମାନେ ସଦା ସର୍ବଦା ଈଶ୍ୱରୀୟ ଜୀବନର ଅନୁଭବ କରୁଛ, ସେଥିପାଇଁ ତୁମର ପ୍ରତ୍ୟେକ ମୂହୁର୍ତ୍ତ, ପ୍ରତ୍ୟେକ ସଂକଳ୍ପ ଭଲ ହିଁ ଭଲ । ତେଣୁ କେବଳ ଗୁଡ୍ ମର୍ଣ୍ଣିଙ୍ଗ୍ (ଶୁଭସକାଳ) ଗୁଡ୍ ଇଭିନିଙ୍ଗ୍ (ଶୁଭସଂଧ୍ୟା) ବା ଗୁଡ୍ ନାଇଟ୍ (ଶୁଭରାତ୍ରି) ନୁହେଁ କିନ୍ତୁ ପ୍ରତ୍ୟେକ ସେକେଣ୍ଡ, ପ୍ରତ୍ୟେକ ସଂକଳ୍ପ ଗଡଙ୍କର ସ୍ମୃତି ରହୁଥିବା କାରଣରୁ ଗୁଡ୍ ଅର୍ଥାତ୍ ଭଲରେ କଟୁଛି । ଏହିଭଳି ଅନୁଭବ କରୁଛ! ଏବେ ତ ତୁମର ଜୀବନ ହିଁ ଶ୍ରେଷ୍ଠ ହୋଇଯାଇଛି କାରଣ ଈଶ୍ୱରଙ୍କ ସହିତ ଜୀବନ ବିତାଉଛ । ପ୍ରତ୍ୟେକ କର୍ମ ବାବାଙ୍କ ସହିତ ମିଶି କରୁଛ । ଏକୁଟିଆ କରୁନାହଁ ତ ? ଖାଇବା ବେଳେ ମଧ୍ୟ ବାବାଙ୍କର ସାଥୀରେ ଖାଉଛ ନା ଏକୁଟିଆ ଏକୁଟିଆ ଖାଉଛ ? ତେଣୁ ସର୍ବଦା ଗଡ୍ ଏବଂ ଗୁଡ୍ ଉଭୟଙ୍କର ସମ୍ବନ୍ଧକୁ ମନେରଖ ଏବଂ ଜୀବନରେ କାର୍ଯ୍ୟକାରୀ କର । ବୁଝିଲ-- ଆଚ୍ଛା, ସମସ୍ତଙ୍କୁ ବାପଦାଦାଙ୍କ ତରଫରୁ ଅମୃତବେଳାର ଅମର ୟାଦପ୍ୟାର ଏବଂ ନମସ୍ତେ ।

**ବରଦାନ:-** ମହାଦାନୀ ହୋଇ ଉଦାର ହୃଦୟରେ ଖୁସିର ସମ୍ପତ୍ତି ବାଣ୍ଟୁଥିବା ମାଷ୍ଟର ଦୟାର ସାଗର ହୁଅ ।

ଲୋକମାନେ ଅଳ୍ପକାଳର ଖୁସି ପ୍ରାପ୍ତ କରିବା ପାଇଁ କେତେ ସମୟ ବା ଧନ ଖର୍ଚ୍ଚ କରୁଛନ୍ତି ପୁଣି ବି ପ୍ରକୃତ ଖୁସି ମିଳୁନାହିଁ, ଏହିଭଳି ଆବଶ୍ୟକତା ସମୟରେ ତୁମମାନଙ୍କୁ ମହାଦାନୀ ହୋଇ ଉଦାର ହୃଦୟରେ ଖୁସିର ଦାନ ଦେବାକୁ ହେବ । ସେଥିପାଇଁ ଦୟାଶୀଳ ହେବାର ଗୁଣକୁ ଜାଗ୍ରତ କର । ଯେହେତୁ ତୁମର ଜଡ ଚିତ୍ର ବରଦାନ ଦେଉଛି ତେଣୁ ତୁମେମାନେ ମଧ୍ୟ ଚୈତନ୍ୟ ରୂପରେ ଦୟାଶୀଳ ହୋଇ ବାଣ୍ଟିଚାଲ, କାହିଁକି ନା ସେମାନେ ପରବଶ ଆତ୍ମା ଅଟନ୍ତି । କେବେହେଲେ ଏକଥା ଭାବନାହିଁ ଯେ ଏମାନେ ତ ଶୁଣିବେ ହିଁ ନାହିଁ । ତୁମେମାନେ ଦୟାଶୀଳ ହୋଇ ଦେଇଚାଲ । ତୁମମାନଙ୍କର ଶୁଭଭାବନା ସେମାନଙ୍କୁ ଫଳ ନିଶ୍ଚିତ ପ୍ରାପ୍ତ କରାଇବ ।

**ସ୍ଲୋଗାନ:-** ଯୋଗର ଶକ୍ତି ଦ୍ୱାରା ପ୍ରତ୍ୟେକ କର୍ମେନ୍ଦ୍ରିୟକୁ ଶୃଙ୍ଖଳିତ ଭାବରେ ଚଳାଉଥିବା ଆତ୍ମା ହିଁ ସ୍ୱରାଜ୍ୟ ଅଧିକାରୀ ଅଟନ୍ତି ।

*** ଓମ୍ ଶାନ୍ତି ***